ISSN: 2456-9194, Vol. IV, Issue. I, June 2020

# ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ପାଲି ଭାଷାର ସନ୍ଧି ପ୍ରକରଣ : ଏକ ଦୃଷ୍ଟିପାତ

**ଡକ୍ଟର କଳ୍ପତରୁ ନାୟକ**

ଅଧ୍ୟାପକ, ଓଡ଼ିଆ ବିଭାଗ

ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, ଛତିଆ

Email: nayakchintu1988@gmail.com

***ସଂକ୍ଷିପ୍ତ ପରିଚୟ:*** *'ପାଲି ଭାଷା', ଇଣ୍ଡୋୟୁରୋପୀୟ ଭାଷା ପରିବାରର ଅନ୍ତର୍ଗତ ମଧ୍ୟ-ଭାରତୀୟ ଆର୍ଯ୍ୟ ଭାଷାର ଆଦିସ୍ତର । ଏହାର ସମୟ ଖ୍ରୀ.ପୂ ୬୦୦ରୁ ଖ୍ରୀ.ପୂ ୧୦୦ ଶତାବ୍ଦୀ । ସଂସ୍କୃତ ପରି ପାଲିଭାଷାରେ ମଧ୍ୟ ସନ୍ଧିର ପ୍ରୟୋଗ ରହିଛି । ବାକ୍ୟର ଦୀର୍ଘତାକୁ ସଂକ୍ଷିପ୍ତ କରିବାକୁ ଯାଇ ସନ୍ଧିର ସୃଷ୍ଟି । ଏଥିରେ ଦୁଇଟି ସନ୍ନିହିତ ବର୍ଣ୍ଣର ମିଶ୍ରଣ ଘଟିଥାଏ । ସନ୍ଧିଦ୍ୱାରା ବାକ୍ୟର ଶବ୍ଦ ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ତେବେ ଆଲୋଚ୍ୟ ପ୍ରବନ୍ଧରେ ସଂସ୍କୃତ ସନ୍ଧିନିୟମ ଆଧାରରେ ପାଲି ଭାଷାର ସନ୍ଧି ବ୍ୟବସ୍ଥାକୁ ଆଲୋଚନା କରାଯିବାର ପ୍ରୟାସ କରାଯାଇଛି।*

***ପ୍ରମୁଖ ଶବ୍ଦ:*** *ଆଦେଶ, କ୍ୱଚିତ୍, ପାଲି ଭାଷା, ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ, ବ୍ୟତିକ୍ରମ, ଭାଷା, ସନ୍ଧି, ସ୍ୱରବର୍ଣ୍ଣ, ଲୋପ ।*

ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଭାରତୀୟ ଆର୍ଯ୍ୟ ଶାଖାକୁ ତିନି ଭାଗରେ ବିଭକ୍ତ କରାଯାଇଛି; ଯଥା- ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା(ଖ୍ରୀ.ପୂ ୧୫୦୦ରୁ ଖ୍ରୀ. ୬୦୦), ମଧ୍ୟ-ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ.ପୂ ୬୦୦ରୁ ଖ୍ରୀ. ୧୦୦୦)ଏବଂ ନବୀନ ଭାରତୀୟ ଆର୍ଯ୍ୟ ଭାଷା(ଖ୍ରୀ.୧୦୦୦ ପରବର୍ତ୍ତୀ) । ପାଲି ଭାଷା ହେଉଛି ମଧ୍ୟ-ଭାରତୀୟ ଆର୍ଯ୍ୟ ଭାଷାର ଆଦିସ୍ତର । ଏହାର ସମୟ ଖ୍ରୀ.ପୂ ୬୦୦ ଶତାବ୍ଦୀରୁ ଖ୍ରୀ.ପୂ ୧୦୦ । ଏହି ସମୟ ହେଉଛି ପାଲି ଭାଷାର ବିକଶିତ ସ୍ତର ଅର୍ଥାତ୍ ଏହି ସମୟ ମଧ୍ୟରେ ପାଲି ଭାଷାର ଲିଖିତ ସାହିତ୍ୟ ବେଶ୍ ସମୃଦ୍ଧ ଥିଲା।

ଭଗବାନ ବୁଦ୍ଧଦେବ(ଖ୍ରୀ.ପୂ ୫୬୭) ନିଜର ଧର୍ମମତକୁ ପାଲି ଭାଷାରେ ପ୍ରଚାର କରୁଥିଲେ । ସମ୍ରାଟ ଅଶୋକ (ଖ୍ରୀ.ପୂ ୨୬୭)ଙ୍କ ଧର୍ମଲେଖ ଓ ଶିଳାଲେଖର ଭାଷା ଥିଲା ପାଲି-ପ୍ରାକୃତ । ଏଣୁ କୁହାଯାଇପାରେ ଯେ ପାଲି ଭାଷା ଦୀର୍ଘ ୬୦୦ ବର୍ଷ ବା ତାହାର ପୂର୍ବରୁ ଭାରତ ବର୍ଷର ଜନସାଧାରଣଙ୍କ ଦ୍ୱାରା କଥିତ ଥିଲା ।

ପାଲି ଭାଷାର ବୈଶିଷ୍ଟ୍ୟକୁ ଦର୍ଶାଇବାକୁ ଯାଇ ଏହାର ବ୍ୟାକରଣ ମଧ୍ୟ ରଚନା କରାଯାଇଛି; ଯଥା- (କ) ବୋଧିସତ୍ତ୍ୱ ବ୍ୟାକରଣ, (ଖ) କଚ୍ଚାୟନ ବ୍ୟାକରଣ, (ଗ) ସବ୍‌ବଗୁଣାକର ବ୍ୟାକରଣ, (ଘ) ମୋଗ୍ଗଲାୟନ ବ୍ୟାକରଣ ଏବଂ (ଙ) ସଦ୍ଦନୀତି ବ୍ୟାକରଣ । ଏହି ବ୍ୟାକରଣ ପୁସ୍ତକଗୁଡ଼ିକ ମଧ୍ୟରୁ ବୋଧିସତ୍ତ୍ୱ ବ୍ୟାକରଣ ଏବଂ ସବ୍‌ବଗୁଣାକର ବ୍ୟାକରଣ ଅଧୁନା ଅନୁପଲବ୍ଧ ।

ବ୍ୟାକରଣ ଶାସ୍ତ୍ରରେ ସନ୍ଧିର ବିଶେଷ ମହତ୍ତ୍ୱ ରହିଛି । ସନ୍ଧିଦ୍ୱାରା ଦୁଇଟି ସନ୍ନିହିତ ବର୍ଣ୍ଣର ମିଶ୍ରଣ ଘଟିଥାଏ । ବିଶେଷତଃ ପୂର୍ବପଦର ଶେଷବର୍ଣ୍ଣ ଏବଂ ପରପଦର ଆଦ୍ୟବର୍ଣ୍ଣର ମିଶ୍ରଣକୁ ସନ୍ଧି କୁହାଯାଏ । ଅର୍ଥାତ୍ ଦୁଇଟି ସମୀପବର୍ତ୍ତୀ ବର୍ଣ୍ଣ ପାଖାପାଖି ହୋଇ ସେମାନଙ୍କ ମଧ୍ୟରେ କିଛି ବିକାର ଘଟିବା ସହିତ ମିଳନ ହେବାକୁ ସନ୍ଧି କୁହାଯାଏ। ଏହାଦ୍ୱାରା ଦୁଇଟି ପଦ ଏକ ପଦରେ ପରିଣତ ହୁଏ ଏବଂ ରୂପଗତ ପରିବର୍ତ୍ତନ ଘଟିଥାଏ । ମୁଖ୍ୟତଃ ସନ୍ଧିର ଶାବ୍ଦିକ ଅର୍ଥ ସଂଯୋଗ ବା ମିଳନ।  ସନ୍ଧି ହେତୁ ବାକ୍ୟର ଶବ୍ଦ ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ଭାଷା ସଂକ୍ଷିପ୍ତ ହେବା ସହିତ ଶ୍ରୁତିମଧୁର ଏବଂ ସୁଖଗ୍ରାହ୍ୟ ହୁଏ। ଆଲୋଚନାର ସୁବିଧାନୁସାରେ ପାଲି ଭାଷାର ସନ୍ଧିକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା- (୧) ସ୍ୱର ସନ୍ଧି, (୨)ବ୍ୟଞ୍ଜନ ସନ୍ଧି ଏବଂ (୩) ଅଯୋଗବାହ ସନ୍ଧି।

## ୧. ସ୍ୱର ସନ୍ଧି:

ଦୁଇଟି ସ୍ୱରବର୍ଣ୍ଣ ମିଶ୍ରଣରେ ଯେଉଁ ସନ୍ଧି ହୋଇଥାଏ ତାହା ସ୍ୱରସନ୍ଧି । ଏହା ଦ୍ୱାରା ଗୋଟିଏ ସ୍ୱର ଅନ୍ୟ ସ୍ୱରଦ୍ୱାରା ପ୍ରଭାବିତ ହୁଏ ଏବଂ ନିଜର ରୂପ ପରିବର୍ତ୍ତନ କରିଥାଏ ।

କ) ସ୍ୱରବର୍ଣ୍ଣ ପରେ ସ୍ୱରବର୍ଣ୍ଣ ଥିଲେ ପୂର୍ବସ୍ୱରର ଲୋପ ହୋଇଥାଏ । (ସରା-ସରେ ଲୋପଂ) ଯଥା-

ନୋହି + ଏତଂ = ନୋହେତଂ, ପଞ୍ଚ + ଇନ୍ଦ୍ରିୟଂ = ପଞ୍ଚିନ୍ଦ୍ରିୟଂ, ଅଭିଭୁ + ଆୟତନଂ = ଅଭିଭାୟତନଂ, ଲୋକେ + ଅଗ୍ଗୋ = ଲୋକଗ୍ଗୋ, ସମେତୁ + ଆୟସ୍ମା = ସମେତାୟସ୍ମା ।

ଖ) ସ୍ୱରବର୍ଣ୍ଣର ପରେ ସ୍ଥିତ ଅସଦୃଶ ସ୍ୱରବର୍ଣ୍ଣର ବେଳେବେଳେ ଲୋପ ହୋଇଥାଏ। (ବା ପରୋ ଅସରୂପା)। ଯଥା-ଛାୟା + ଇବ = ଛାୟାବ, ଇତି + ଅପି = ଇତିପି, ଚକ୍ଖୁ + ଇନ୍ଦ୍ରିୟାନି = ଚକ୍ଖୁନ୍ଦ୍ରିୟାନି, ଅକାଳେ + ଇବ = ଅକାଳେବ, ଚତ୍ତାରୋ + ଇମେ = ଚତ୍ତାରୋମେ ।

ଗ) ସନ୍ଧିରେ ପୂର୍ବସ୍ୱରର ଲୋପହେଲେ ବେଳେବେଳେ ପର ସ୍ୱରବର୍ଣ୍ଣଟି ଅସବର୍ଣ୍ଣତା ବା ସମସ୍ୱରୀୟତାକୁ ପରିତ୍ୟାଗ କରି ଭିନ୍ନ ସ୍ୱରତାକୁ ପ୍ରାପ୍ତକରେ; ଯଥା- 'ଇ', 'ଈ' ସ୍ଥାନରେ 'ଏ' ଏବଂ 'ଉ', 'ଊ' ସ୍ଥାନରେ 'ଓ' ହୋଇଥାଏ। (କ୍ୱଚାସବର୍ଣ୍ଣଂ ଲୁତ୍ତେ) । ଯଥା-

ଇ, ଈ >ଏ- ବନ୍ଧୁସ୍ସ + ଇବ = ବନ୍ଧୁସ୍ସେବ, ଉପ + ଇତୋ = ଉପେତୋ, ଅବ + ଇଚ୍ଛ = ଅବେଚ୍ଛ, ଜିନ + ଈରିତଂ = ଜୀନେରିତଂ ।
ଉ, ଊ >ଓ- ନ + ଉପେତି = ନୋପେତି, ଚନ୍ଦ + ଉଦୟୋ = ଚନ୍ଦୋଦୟୋ ।

ଉପରସ୍ଥ ବାକ୍ୟରେ ବେଳେବେଳେ ଶବ୍ଦ ପ୍ରୟୋଗ କରିବାର ଅର୍ଥ ଏହା ଯେ, କିଛି ସନ୍ଧିରେ ଉକ୍ତ ନିୟମର ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ଯଥା- ଲୋକ + ଉତ୍ତମୋ = ଲୋକୁତ୍ତମୋ, ତତ୍ର + ଇମେ = ତତ୍ରିମେ, ତଥା + ଉପମଂ = ପଥୁପମଂ ।

ଘ) ସନ୍ଧିରେ ପୂର୍ବସ୍ୱର ଲୋପହେବା ପରେ ପରବର୍ତ୍ତୀ ସ୍ୱର କ୍ୱଚିତ୍ ଦୀର୍ଘ ହୋଇଥାଏ । (ଦୀଘଂ) । ଯଥା- 'ଅ' ସ୍ଥାନରେ 'ଆ', 'ଇ' ସ୍ଥାନରେ 'ଈ' ଏବଂ 'ଉ' ସ୍ଥାନରେ 'ଊ'। ଯଥା-ବୁଦ୍ଧ + ଅନୁସ୍ସତି = ବୁଦ୍ଧାନୁସ୍ସତି, ତଦା + ଅହଂ = ତଦାହଂ, ସଦ୍ଧା + ଇଧ = ସଦ୍ଧୀଧ, ଇତର + ଇତର = ଇତରୀତର, ବି + ଉପସମୋ = ବୂପସମୋ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଦମ + ଅପି = ଦମପ, ଯଦି + ଇମସ୍ସ = ଯଦିମସ୍ସ ।

ଙ) ପରବର୍ତ୍ତୀ ସ୍ୱରବର୍ଣ୍ଣ ଲୋପ ହେଲେ କ୍ୱଚିତ୍ ପୂର୍ବବର୍ତ୍ତୀ ସ୍ୱର ଦୀର୍ଘ ହୋଇଥାଏ । (ପୁବ୍ବୋ ଚ)ଯଥା- ଦେବ + ଇତି = ଦେବାତି, ହେତୁ + ଅପି = ହେତୂପି, ବିଜ୍ଜୁ + ଇବ = ବିଜ୍ଜୂବ, କିଂସୁ + ଇଧ = କିଂସୂଧ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ପାଲିରେ ଏପରି ଶବ୍ଦର ବ୍ୟବହାର ରହିଛି ଯେଉଁଥିରେ ଏ ସନ୍ଧି ନିୟମର ବ୍ୟବହାର ନାହିଁ । ଯଥା- ଇଦାନି + ଅପି = ଇଦାନିପି, କିନ୍ନୁ + ଇମାବ = କିନ୍ନୂମାବ।

ଚ) ସ୍ୱରବର୍ଣ୍ଣ ପରେ ଥିବା ପୂର୍ବପଦର ଅନ୍ତ୍ୟ ଏ-କାର ସ୍ଥାନରେ ବେଳେବେଳେ ୟ-କାର ଆଦେଶ ହୋଇଥାଏ। (ୟମେଦନ୍ତସ୍ସାଦେସୋ); ଯଥା- ମେ + ଅୟଂ = ମ୍ୟାୟଂ, ତେ + ଅହଂ = ତ୍ୟାହଂ, ତେ + ଅଜ୍ଜ = ତ୍ୟଜ୍ଜ, ତେ + ଅସ୍ସ = ତ୍ୟାସ୍ସ, ପବ୍ବତେ + ଅହଂ = ପବ୍ବତ୍ୟାହଂ ।

ବେଳେବେଳେ ଏହି ନିୟମରେ ବ୍ୟତିକ୍ରମ ଘଟିଥାଏ। ଯଥା- ନେ + ଏହ୍ଥ = ନେହ୍ଥ ।

ଛ) ସ୍ୱରବର୍ଣ୍ଣ ପରେ ଥିବା ପୂର୍ବପଦର ଅନ୍ତ୍ୟ ଓ-କାର ଏବଂ ଉ-କାର ସ୍ଥାନରେ ବେଳେବେଳେ 'ବ' ଆଦେଶ ହୋଇଥାଏ। ଯଥା-ଯାବତକୋ + ଅସ୍ସ = ଯାବତକ୍ୱସ୍ସ, ଖୋ + ଅସ୍ସ = ଖ୍ୱସ୍ସ, ସୋ + ଏବ = ସ୍ୱେବ, ଅନୁ + ଏତି = ଅନ୍ୱେତି, ସୁ + ଆଗତଂ = ସ୍ୱାଗତଂ, ସୁ + ଆକାରୋ = ସ୍ୱାକାରୋ, ପାତୁ + ଅକାସି = ପତ୍ୱାକାସି, ତୁ + ଏବ = ତ୍ୱେବ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା-ଯୋ + ଏହଂ = ଯୋହଂ, ସୋ + ଅୟଂ = ସୋୟଂ, ସାଧୁ + ଆବୁସୋ = ସାଧୋବୁସୋ।

ଜ) ଅସଦୃଶ ସ୍ୱରବର୍ଣ୍ଣ ପରେ ଥିବା ଇ-କାର କିମ୍ବା ଈ-କାର ସ୍ଥାନରେ ପ୍ରାୟତଃ 'ୟ' ଆଦେଶ ହୋଇଥାଏ । (ଇବଣ୍ଣୋ ୟଣ୍ଣବା) ଯଥା- ବତ୍ତି + ଅସ୍ସ = ବୂତ୍ତ୍ୟସ୍ସ, ବି + ଆକତୋ = ବ୍ୟାକତୋ, ବିତ୍ତି + ଅନୁଭୂୟ୍ୟତେ = ବିତ୍ତ୍ୟନୁଭୂୟ୍ୟତେ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ମୂତ୍ତଚାଗୀ + ଅନୁଦ୍ଧତୋ = ମୂତ୍ତଚାଗୀଅନୁଦ୍ଧତୋ, ପତି + ଅଗ୍ଗି = ପଟିଗ୍ଗି ।

ଝ) ସ୍ୱରବର୍ଣ୍ଣ ପୂର୍ବରୁ ଥିବା ତି-କାର ସ୍ଥାନରେ ବେଳେବେଳେ ଚ-କାର ଆଦେଶ ହୋଇଥାଏ । (ସବ୍ବୋଚନ୍ତି); ଯଥା-

ଅତି + ଅନ୍ତଂ = ଅଚ୍ଚନ୍ତଂ, ପତି + ଅୟୋ = ପଚ୍ଚୟୋ, ପତି + ଏତେ = ପଚ୍ଚେତେ, ଇତି + ଅସ୍ସ = ଇଚ୍ଚସ୍ସ,

ଇତି + ଆଦି = ଇଚ୍ଚାଦି । ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଇତି + ଅସ୍ସ = ଇତିସ୍ସ, ଇତି + ଆକଙ୍ଖମାନେନ = ଇତିଆକଙ୍ଖମାନେମ।

ଞ) ଇ-ବର୍ଣ୍ଣ ପୂର୍ବରୁ ଥିବା 'ଅତି', 'ଇତି' ଏବଂ 'ପତି' ଶବ୍ଦର ତି-କାର ସ୍ଥାନରେ ଚ-କାର ଆଦେଶ ହୋଇନଥାଏ । (ଅତିସ୍ସ ଚନ୍ତସ୍ସ)ଯଥା-ଅତି + ଇତୋ = ଅତୀତୋ, ଅତି + ଈରିତଂ = ଅତୀରିତଂ, ଇତି + ଇତି = ଇତୀତି, ଇତି + ଇଦଂ = ଇତୀଦଂ, ପତି + ଇତୋ = ପତୀତୋ ।

ଟ) ସ୍ୱରବର୍ଣ୍ଣ ପୂର୍ବରୁ ଥିବା 'ଅଧି' ଶବ୍ଦ ସ୍ଥାନରେ 'ଅଜ୍ଝ' ଆଦେଶ ହୋଇଥାଏ । (ଅଜ୍ଝୋ ଅଧି) ଯଥା- ଅଧି + ଅଗମା = ଅଜ୍ଝଗମା, ଅଧି + ଉପଗତୋ = ଅଜ୍ଝୁପଗତୋ, ଅଧି + ଓକାସୋ = ଅଜ୍ଝୋକାସୋ ।

ଠ) 'ଈ' ସ୍ୱରବର୍ଣ୍ଣ ପୂର୍ବରୁ ଥିବା 'ଅଧି' ଏବଂ 'ଅଭି' ଶବ୍ଦ ସ୍ଥାନରେ 'ଅଜ୍ଝ' ଆଦେଶ ହୋଇନଥାଏ । (ତେନ ବା ଇବଣ୍ଣେ) ଯଥା- ଅଧି + ଈରିତଂ = ଅଧୀରିତଂ ।

ଡ) ସ୍ୱର କିମ୍ବା ବ୍ୟଞ୍ଜନ ବର୍ଣ୍ଣର ପରେ ଥିବା ଧ-କାର ସ୍ଥାନରେ କ୍ୱଚିତ୍ 'ଦ' ଏବଂ 'ହ' ଆଦେଶ ହୋଇଥାଏ । (ଦୋ ଧସ୍ସ ଚ) ଯଥା- ଇଧ + ଅହଂ = ଇଦାହଂ, ଇଧ + ଭିକ୍ଖବେ = ଇଦଭିକ୍ଖବେ, ସାଧୁ + ଦସ୍ସନଂ = ସାହୁଦସ୍ସନଂ।

ଢ) ଦୀର୍ଘସ୍ୱରର ପରବର୍ତ୍ତୀ 'ଏବ' ଶବ୍ଦର ଏ-କାର ସ୍ଥାନରେ ବେଳେବେଳେ ରି-କାର ଆଦେଶ ହୋଇଥାଏ ଏବଂ ପୂର୍ବସ୍ୱର ହ୍ରସ୍ୱ ହୋଇଥାଏ । (ଏବାଦିସ୍ସ ରି ପୁବ୍ବୋ ଚ ରସ୍ସୋ) ଯଥା- ଯଥା + ଏବ = ଯଥରିବ, ତଥା + ଏବ = ତଥରିବ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଯଥା + ଏବ = ଯଥେବ, ତଥା + ଏବ = ତଥେବ ।

ଅର୍ଥାତ୍ ଉଭୟ ରୂପ ପାଲି ଭାଷାରେ ଉପଲବ୍ଧ ।

ଣ) ଅସଦୃଶ ସ୍ୱରବର୍ଣ୍ଣ ପୂର୍ବରୁ ଥିବା ଇ-ବର୍ଣ୍ଣ ସ୍ଥାନରେ କ୍ୱଚିତ୍ 'ଇୟ୍' ଏବଂ 'ଉ' ବର୍ଣ୍ଣ ସ୍ଥାନରେ କ୍ୱଚିତ୍ 'ଉବ୍' ଆଦେଶ ହୋଇଥାଏ । (ଇବଣ୍ଣୁବଣ୍ଣା ଝଲା । ଝଲାନମିୟୁବା ସରେ ବା) ଯଥା- ତି + ଅନ୍ତ = ତିୟନ୍ତ, ତି + ଅଦ୍ଧଂ = ତିୟଦ୍ଧଂ, ଭିକ୍ଖୁ + ଆସନେ = ଭିକ୍ଖୁବାସନେ, ପୁଥୁ + ଆସନେ = ପୁଥୁବାସନେ ।

ତ) ସ୍ୱରବର୍ଣ୍ଣ ପୂର୍ବରୁ ଥିବା 'ଗୋ' ଶବ୍ଦର ଓ-କାର ସ୍ଥାନରେ 'ଅବ୍' ଆଦେଶ ହୋଇଥାଏ । (ଓ ସରେ ଚ) । ଯଥା-

ଗୋ + ଅଜିନଂ = ଗବାଜିନଂ, ଗୋ + ଏଳକଂ = ଗବେଳକଂ ।

ଥ) ସ୍ୱରବର୍ଣ୍ଣ ପୂର୍ବରୁ ଥିବା 'ପା' ଶବ୍ଦର ପରେ କ୍ୱଚିତ୍ 'ଗ' ଆଗମ ହୋଇଥାଏ ଏବଂ 'ପା' ଶବ୍ଦରେ ଥିବା ଆ-କାର ହ୍ରସ୍ୱ ହୋଇଥାଏ । ଯଥା- ପା + ଏବ = ପଗେବ।

## ୨ । ବ୍ୟଞ୍ଜନ ସନ୍ଧି:

ପୂର୍ବ ପଦର ଅନ୍ତ୍ୟ ବ୍ୟଞ୍ଜନ ସହିତ ପରପଦର ଆଦ୍ୟ ବ୍ୟଞ୍ଜନ ବା ସ୍ୱର ବର୍ଣ୍ଣର ଯୋଗ ପକ୍ରିୟାକୁ ବ୍ୟଞ୍ଜନ ସନ୍ଧି କହନ୍ତି ।

କ) ମୁଖସୁଖ ଉଚ୍ଚାରଣ ଏବଂ ଛନ୍ଦରକ୍ଷା ନିମନ୍ତେ ବେଳେବେଳେ ବ୍ୟଞ୍ଜନ ବର୍ଣ୍ଣର ପୂର୍ବସ୍ଥିତ ହ୍ରସ୍ୱସ୍ୱର ଦୀର୍ଘ ହୁଏ। (ଦୀର୍ଘଂ) ଯଥା-ଖନ୍ତି + ପରମ୍ = ଖନ୍ତୀପରମଂ, ମୁନି + ଚରେ = ମୁନୀଚରେ, ଦୁ + ରମଂ = ଦୂରମଂ, ଦୁ + ଭରତଂ = ଦୂଭରତଂ,ଜାୟତି + ଭୟଂ = ଜାୟତୀଭୟଂ, ଉଜୁ + ଚ = ଉଜୂଚ, ଦୁ + ରକ୍ଖଂ = ଦୂରକ୍ଖଂ ।

ଖ) ବେଳେବେଳେ ବ୍ୟଞ୍ଜନ ବର୍ଣ୍ଣର ପୂର୍ବସ୍ୱର ହ୍ରସ୍ୱ ହୋଇଥାଏ । (ରସ୍ସଂ) । ଯଥା-ପରା + କମୋ = ପରକ୍କମୋ, ଭୋବାଦୀ + ନାମ = ଭୋବାଦିନାମ, ଆ + ସାଦୋ = ଅସ୍ସାଦୋ, ତଣହା + ଖୟୋ = ତଣହକ୍ଖୟୋ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଯଥା + କମଂ = ଯଥାକ୍କମଂ ।

ଗ) ବ୍ୟଞ୍ଜନ ବର୍ଣ୍ଣ ପୂର୍ବସ୍ଥ 'ସୋ' ଏବଂ 'ଏସୋ' ଶବ୍ଦର ଉ-କାର ସ୍ଥାନରେ କ୍ୱଚିତ୍ ଅ-କାର ହୁଏ । ବେଳେବେଳେ ପୂର୍ବସ୍ଥିତ ଅ-କାର ସ୍ଥାନରେ ଉ-କାର ଏବଂ ଉ-କାର ସ୍ଥାନରେ ଓ-କାର ହୁଏ । (ଲୋପଞ୍ଚ ତତ୍ରାକାରୋ) । ଯଥା-

ଏସୋ + ଖୋ = ଏସଖୋ, ସୋ + ମୁନି = ସମୁନି, ସୋ + ସୀଲବା = ସସୀଲବା, ସୋ + ଭିକ୍ଖୁ = ସଭିକ୍ଖୁ, ଜାନେମ + ତଂ = ଜାନେମୁତଂ, ନୁ + ଦ୍ଧଂ = ନୋଦ୍ଧଂ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ସୋ + ମୁନି = ସୋମୁନି, ଏସୋ + ଧମ୍ମୋ = ଏସୋଧମ୍ମୋ ।

ଘ) ସ୍ୱରବର୍ଣ୍ଣର ପରେ ଥିବା ବ୍ୟଞ୍ଜନ ବର୍ଣ୍ଣର ବେଳେବେଳେ ଦ୍ୱିତ୍ୱ ହୋଇଥାଏ । (ପରଦ୍ୱେଭାବୋ ଠାନେ) । ଯଥା-

ଇଧ + ପମାଦୋ = ଇଧପ୍ପମାଦୋ, ପ + କମୋ = ପକ୍କମୋ, ପଟି + କମ୍ମୋ = ପଟିକ୍କମୋ, ଧନ + କିତୋ = ଧନକ୍କିତୋ, ଛନ୍ଦ + ଗାହୋ = ଛନ୍ଦଗ୍ଗାହୋ, ବି + ଜୋତେତି = ବିଜ୍ଜୋତେତି, ଚାତୁ + ଦସୀ = ଚାତୁଦ୍ଦସୀ, ନି + ସୟୋ =

ନିସ୍ସୟୋ, ବି + ସୁତୋ = ବିସ୍ସୁତୋ, ମିତ୍ତ + ଦୁନୋ = ମିତ୍ତଦ୍ଦୁନୋ, ଦୁ + କରଂ = ଦୁକ୍କରଂ, ଦୁ + ଲଭୋ = ଦୁଲ୍ଲଭୋ ।

ଙ) ଇ-ବର୍ଣ୍ଣ ସ୍ଥାନରେ ଯ-କାର ଆଦେଶ ହେଲେ ଶବ୍ଦର ଅନ୍ତ୍ୟ ତ୍ୟ, ଲ୍ୟ, ନ୍ୟ, ଦ୍ୟ ସ୍ଥାନରେ କ୍ୱଚିତ୍ ଯଥାକ୍ରମେ ଚ, ଲ, ଞ ଏବଂ ଜ ଆଦେଶ ହୋଇଥାଏ ଏବଂ 'ଇ' ହେତୁ ଆଦେଶ ବ୍ୟଞ୍ଜନଗୁଡ଼ିକ ଦ୍ୱିତ୍ୱ ହୁଏ । (ଯବତଂ ତ-ଲ-ନ-ଦ କାରାନଂ ବ୍ୟଞ୍ଜନାନି ଚ-ଲ-ଞ-ଜକାରତ୍ତଂ) । ଯଥା- ବିପଲି + ଆସୋ = ବିପଲ୍ଲାସୋ, ଅନ୍ୟ + ଆୟୋ = ଅଞ୍ଞାୟୋ, ଜାତି + ଅନ୍ଧୋ = ଜଚ୍ଚନ୍ଧୋ, ଯଦି + ଏବଂ = ଯଜ୍ଜେବଂ, ଅପି + ଏକଚ୍ଚେ = ଅପ୍ପେକଚ୍ଚେ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ବୁଦ୍ଧି + ନଅସ୍ସ = ବୁଦ୍ଧ୍ୟସ୍ସ, ଆଲସି + ଅଂ = ଆଲସ୍ୟଂ ।

ଚ) ସ୍ୱରବର୍ଣ୍ଣର ପରେ ସ୍ଥିତ ବର୍ଗୀୟ ବ୍ୟଞ୍ଜନର ଦ୍ୱିତୀୟ ଏବଂ ଚତୁର୍ଥ ବ୍ୟଞ୍ଜନ ସହିତ ବର୍ଗର ପ୍ରଥମ ଏବଂ ତୃତୀୟ ବର୍ଣ୍ଣ ଯୁକ୍ତ ହୋଇଥାଏ । (ବଗ୍ଗେ ଘୋସାଘୋସାନଂ ତତିୟ-ପଠମା) । ଯଥା-

ଅଭି + ଖେପୋ = ଅଭିକ୍ଖେପୋ, ଜାତି + ଖେତ୍ତଂ = ଜାତିକ୍ଖେତ୍ତଂ, ନି + ଘୋସୋ = ନିଗ୍ଘୋସୋ, ପ + ଘରତି = ପଗ୍ଘରତି, ସବ୍ବ + ଛନ୍ନଂ = ସବ୍ବଚ୍ଛନ୍ନଂ, ବୋଧି + ଛାୟା = ବୋଧିଚ୍ଛାୟା, ପଠମ + ଝାନଂ = ପଠମଜ୍ଝାନଂ, ଅଭି + ଝାୟତି = ଅଭିଜ୍ଝାୟତି, ନି + ଠିତଂ = ନିଟ୍ଠିତଂ, ଅଧି + ଠିତଂ = ଅଧିଟ୍ଠିତଂ, ବି + ଥମ୍ଭିତୋ = ବିତ୍ଥମ୍ଭିତୋ, ଅନୁ + ଥୁନଂ = ଅନୁତ୍ଥୁନଂ, ନି + ଥରଣଂ = ନିତ୍ଥରଣଂ, ଚତୁ + ଧା = ଚତୁଦ୍ଧା, ମହା + ଧନୋ = ମହାଦ୍ଧନୋ, ଚତୁ + ଭି = ଚତୁବ୍ଭି, ନି + ଫଳଂ = ନିପ୍ଫଳଂ, ମହା + ଫଳଂ = ମହାପ୍ଫଳଂ ।

ଛ) ପ୍ରଥମ ଶବ୍ଦର ପରେ ବ୍ୟଞ୍ଜନ ବର୍ଣ୍ଣ ରହିଲେ ଶବ୍ଦର ଅନ୍ତ୍ୟ ଅ-କାର ସ୍ଥାନରେ ଉ-କାର ହୋଇଥାଏ । (ପୁଥସ୍ସ ବ୍ୟଞ୍ଜନେ) । ଯଥା- ପୁଥ + ଜନୋ = ପୁଥୁଜ୍ଜନୋ, ପୁଥ + ଭୂତଂ = ପୁଥୁଭୂତଂ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଏବ + ଇମଂ = ଏବୁମଂ, ଇତି + ଏବ = ଇତ୍ୱେବ ।

ଜ) 'ଅବ' ଶବ୍ଦର ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ ବେଳେବେଳେ 'ଅବ' ସ୍ଥାନରେ 'ଓ' ଆଗମ ହୋଇଥାଏ। (ଓ-ଅବସ୍ସ) ଯଥା- ଅବ + କାମୋ = ଓକାମୋ, ଅବ + ନଦ୍ଧା = ଓନଦ୍ଧା, ଅବ + ବଦତି = ଓବଦତି, ଅବ + ସାନଂ = ଓସାନଂ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଅବ + ସାନଂ = ଅବସାନଂ, ଅବ + ସୁସ୍ସତୁ = ଅବସୁସ୍ସତୁ ।

ଝ) 'ଅବ' ଶବ୍ଦର ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ ବେଳେବେଳେ 'ଅବ' ସ୍ଥାନରେ 'ଉ' ଆଗମ ହୋଇଥାଏ। (ଅବ୍ବିପରିତୂପପଦେ ବ୍ୟଞ୍ଜନେ) । ଯଥା- ଅବ + ଗତେ = ଉଗ୍ଗତେ, ଅବ + ଗଚ୍ଛତି = ଉଗ୍ଗଚ୍ଛତି, ଅବ + ଗହେତ୍ୱା = ଉଗ୍ଗହେତ୍ୱା ।

ଞ) 'ଅତିସ୍ସ' ଓ 'ପର' ଶବ୍ଦର ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ, ଏହି ଶବ୍ଦର ଅନ୍ତ୍ୟ ବ୍ୟଞ୍ଜନରେ ଓ-କାର ହୋଇଥାଏ । (କ୍ୱଚି ଓ ବ୍ୟଞ୍ଜନେ) । ଯଥା- ପର + ଗତଂ = ପରୋଗତଂ, ପର + ସହସ୍ସ = ପରୋସହସ୍ସଂ।

ଟ) ବିଭକ୍ତିର ଲୋପହେଲେ ମଣ, ଗଣାଦି ଶବ୍ଦର ଅନ୍ତ୍ୟ ଅ-କାର ସ୍ଥାନରେ ଓ-କାର ହୋଇଥାଏ । (ଏତେସମୋ ଲୋପେ) । ଯଥା- ମନ + ମୟଂ = ମନୋମୟଂ, ମନ + ସେଟ୍ଠୋ = ମନୋସେଟ୍ଠୋ, ତମ + ସୁଦୋ = ତମୋସୁଦୋ, ଅହ + ରତ୍ତଂ = ଅହୋରତ୍ତଂ, ରହ + ଗତୋ = ରହୋଗତୋ, ଆପ + ଧାତୁ = ଆପୋଧାତୁ, ସର + ରୁହୋ = ସରୋରୁହୋ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ପାଲିରେ ଏପରି ଶବ୍ଦର ବ୍ୟବହାର ରହିଛି ଯେଉଁଥିରେ ଏ ସନ୍ଧି ନିୟମର ବ୍ୟବହାର ନାହିଁ । ଯଥା- ମନ + ମତ୍ତେନ = ମନମତ୍ତେନ, ମନ + ଛଟ୍ଠାନଂ = ମନଛଟ୍ଠାନଂ, ତମ + ବିନୋଦନୋ = ତମବିନୋଦନୋ, ମନ + ଆୟତନଂ = ମନାୟତନଂ ।

## ୩ । ଅଯୋଗବାହ ସନ୍ଧି:

ଅନୁସ୍ୱାର (ଂ), ବିସର୍ଗଃ (ଃ), ଚନ୍ଦ୍ରବିନ୍ଦୁ (ଁ) ଆଦି ବର୍ଣ୍ଣକୁ ଅଯୋଗବାହ ବର୍ଣ୍ଣ କୁହାଯାଏ । ପାଲି ଭାଷାରେ ବିସର୍ଗଃ (ଃ) ଏବଂ ଚନ୍ଦ୍ରବିନ୍ଦୁ (ଁ )ର ବ୍ୟବହାର ନାହିଁ । ଏଣୁ ଏଥିରେ ଅନୁସ୍ୱାରର ସନ୍ଧି ସଂପର୍କରେ ଆଲୋଚନା କରାଗଲା ।

କ) ଅନୁସ୍ୱାର ପରେ ବର୍ଗୀୟ ବର୍ଣ୍ଣ ଥିଲେ ଅନୁସ୍ୱାର ସ୍ଥାନରେ ବିକଳ୍ପରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୋଇଥାଏ । (ବଗ୍ଗନ୍ତଂ ବା ବଗ୍ଗେ) । ଯଥା-

ତଂ + କରୋତି = ତଙ୍କରୋତି, ସଂ + ଗତି = ସଙ୍ଗତି, ସଂ + ଜାତୋ = ସଞ୍ଜାତୋ, ସଂ + ମତୋ = ସମ୍ମତୋ,

ସଂ + ଠିତୋ = ସଣ୍ଠିତୋ, ତଂ + ଧନଂ = ତନ୍ଧନଂ, ତଂ + ଦାନଂ = ତନ୍ଦାନଂ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ତଂ + କରୋତି = ତଂକରୋତି, ତଂ + ଖଣଂ = ତଂଖଣଂ, ତଂ + କମ୍ମଂ = ତଂକମ୍ମଂ ।

ଖ) ଅନୁସ୍ୱାର ପରେ ଇ-କାର ବା ଏ-କାର ଥିଲେ ଅନୁସ୍ୱାର ସ୍ଥାନରେ ବିକଳ୍ପରେ 'ଞ' ଆଦେଶ ହୋଇଥାଏ। (ଏହେଞ୍ଞଂ) । ଯଥା- ପଚ୍ଚତ୍ତଂ + ଏବ = ପଚ୍ଚତ୍ତଞ୍ଞେବ, ତଂ + ହିତସ୍ସ = ତଞ୍ଞହିତସ୍ସ, ତଂ + ଏବ = ତଞ୍ଞେବ

ଗ) ଅନୁସ୍ୱାର ପରେ 'ଯ' ଥିଲେ ସେ 'ଯ' ଏବଂ ଅନୁସ୍ୱାର ସ୍ଥାନରେ ବିକଳ୍ପରେ 'ଞ' ଆଦେଶ ହୋଇଥାଏ ଏବଂ ତାହା ଦ୍ୱିତ୍ୱ ହୋଇଥାଏ । (ସଯେ ଚ) । ଯଥା- ସଂ + ଯୋଗ = ସଞ୍ଞୋଗୋ, ସଂ + ଯୋଜନଂ = ସଞ୍ଞୋଜନଂ, ସଂ + ଯତୋ = ସଞ୍ଞତୋ, ଯଂ + ଯଦେବ = ଯଞ୍ଞଦେବ ।

ଘ) ଅନୁସ୍ୱାର ପରେ ସ୍ୱରବର୍ଣ୍ଣ ଥିଲେ ବିକଳ୍ପରେ ଅନୁସ୍ୱାର ସ୍ଥାନରେ ମ-କାର ଏବଂ ଦ-କାର ହୁଏ । (ମଦା ସରେ)। ଯଥା- ତଂ + ଅହଂ = ତମହଂ, ଯଂ + ଅନିଚ୍ଛଂ = ଯଦନିଚ୍ଛଂ, ଏତଂ + ଏବ = ଏତଦେବ, ଧନଂ + ଏବ = ଧନମେବ, ତଂ + ଏନଞଂ = ତଦନଞଂ, କିଂ + ଏତଂ = କିମେତଂ, ଏତଂ + ଅବୋଚ = ଏତଦବୋଚ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ମଂ + ଅଜିନି = ମଂ ଅଜିନି ।

ଙ) ଅନୁସ୍ୱାର ପରେ ସ୍ୱରବର୍ଣ୍ଣ ଥିଲେ ଅନୁସ୍ୱାର କ୍ୱଚିତ୍ ଲୋପହୁଏ । (କ୍ୱଚି ଲୋପ ଂ) ଯଥା- ତାସଂ + ଅହଂ = ତାସାହଂ, ବିଦୂନଂ + ଅଗ୍ଗଂ = ବିଦୂନଗ୍ଗଂ, ଅଦାସିଂ + ଅହଂ = ଆଦାସହଂ, କଥଂ + ଅହଂ = କଥାହଂ, ଏବଂ + ଅୟଂ = ଏବାୟଂ, କିଂ + ଅହଂ = କ୍ୟାହଂ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଏବଂ + ଅୟଂ = ଏବମୟଂ, କିଂ + ଅହଂ = କିମହଂ ।

ଚ) ଅନୁସ୍ୱାର ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ ଅନୁସ୍ୱାର କ୍ୱଚିତ୍ ଲୋପହୁଏ । (ବ୍ୟଞ୍ଜନେ ଚ) । ଯଥା- ସଚ୍ଛାନଂ + ଦସ୍ସନଂ = ସଚ୍ଛାନଦସ୍ସନଂ, ସଂ + ରତ୍ତୋ = ସାରତ୍ତୋ, ସଂ + ରାଗୋ = ସାରାଗୋ, ସଂ + ରମ୍ଭୋ = ସାରମ୍ଭୋ, ଅବିସଂ + ହାରୋ = ଅବିସାହାରୋ, ଚିରଂ + ପବାସିଂ = ଚିରପ୍ପବାସିଂ ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଏତଂ + ମଙ୍ଗଳଂ = ଏତମ୍ମଙ୍ଗଳଂ ।

ଛ) ଅନୁସ୍ୱାର ପରେ ଥିବା ସ୍ୱର ବର୍ଣ୍ଣର ବିକଳ୍ପରେ ଲୋପହୋଇଥାଏ । (ପରୋ ବା ସରୋ) । ଯଥା-

କତଂ + ଇତି = କତନ୍ତି, କିଂ + ଇତି = କିନ୍ତି, ଅଭିନନ୍ଦୁଂ + ଇତି = ଅଭିନନ୍ଦୁନ୍ତି, କଳିଂ + ଇବ = କଳିଂବ/କିଳିମ୍ବ,

କିଂ + ଇଦାନି = କିଦାନି, ଇଦଂ + ଅପି = ଇଦମ୍ପି, ଦାତୁଂ + ଅପି = ଦାତୁମ୍ପି, ସଦସଂ + ଇବ = ସଦସଂବ/ସଦସମ୍ବ

ଜ) ଅନୁସ୍ୱାର ପରସ୍ଥିତ ସ୍ୱରବର୍ଣ୍ଣ ଲୋପହେଲେ ସଂଯୁକ୍ତ ବ୍ୟଞ୍ଜନର ପୂର୍ବ ବ୍ୟଞ୍ଜନ ମଧ୍ୟ ଲୁପ୍ତ ହୋଇଥାଏ । (ବ୍ୟଞ୍ଜନୋ ଚ ବିସଞ୍ଞୋଗୋ) । ଯଥା- ଏବଂ + ଅସ୍ସ = ଏବଂସ, ପୁତଂ + ଅସ୍ସା = ପୁତଂସା ।

ବେଳେବେଳେ ଏହି ନିୟମର ବ୍ୟତିକ୍ରମ ମଧ୍ୟ ଲକ୍ଷ୍ୟ କରାଯାଏ । ଯଥା- ଏବଂ + ଅସ୍ସ = ଏବମସ୍ସ ।

ଝ) ସ୍ୱର କିମ୍ବା ବ୍ୟଞ୍ଜନ ପରେ ବେଳେବେଳେ ଅନୁସ୍ୱାରର ଆଗମ ହୋଇଥାଏ । (ନିଗ୍ଗହୀତଞ୍ଚ)। ଯଥା-

ଚକ୍ଖୁ + ଉଦପାଦି = ଚକ୍ଖୁଂଉଦପାଦି, ଯାବ + ଚେଧ = ଯାବଂଚେଧ, ଅନୁ + ଥୁଲାନି = ଅନୁଂଥୁଲାନି, ଅବ + ସିରୋ = ଅବଂସିରୋ ।

ଞ) ଅନୁସ୍ୱାର ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ କ୍ୱଚିତ୍ ସ୍ଥାନରେ ଅନୁସ୍ୱାର ଲୋପ ହୋଇନଥାଏ । (ଅଂ ବ୍ୟଞ୍ଜନେ ନିଗ୍ଗହୀତଂ) । ଯଥା- ଏବଂ + ବୁତ୍ତେ = ଏବଂବୁତ୍ତେ, ତଂ + ସାଧୁ = ତଂସାଧୁ ।

ବାକ୍ୟର ଦୀର୍ଘତାକୁ ସଂକ୍ଷିପ୍ତ କରିବାକୁ ଯାଇ ସନ୍ଧିର ସୃଷ୍ଟି। ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାରେ ସନ୍ଧିର ବ୍ୟବହାର ଥିଲା ଏବଂ ପାଲିରେ ମଧ୍ୟ ରହିଛି । ସନ୍ଧି ଦୁଇଟି ଶବ୍ଦକୁ ଯୋଡ଼ି ଗୋଟିଏ ଶବ୍ଦରେ ପରିଣତ କରେ। ଶବ୍ଦକୁ ଯୋଡ଼ିବା ନିମନ୍ତେ ନିୟମ ରହିଛି । କିନ୍ତୁ ନିୟମ ଥିଲେ ମଧ୍ୟ ବେଳେବେଳେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । କାରଣ ନିୟମକୁ ଧରି ସର୍ବଦା ଶବ୍ଦକୁ ସଂଯୋଗ କରି ନୂତନ ଶବ୍ଦ ଗଠନ କରାଯାଇ ନଥାଏ । ମଣିଷ ମୁଖସୁଖ ସୁବିଧାନୁସାରେ ଶବ୍ଦ ଗଢ଼ି ବ୍ୟବହାର କରିଥାଏ । ଅର୍ଥାତ୍ ଏହା ସତ୍ୟ ଯେ ମଣିଷ ପ୍ରଥମେ ଶବ୍ଦ ନିର୍ମାଣ କରିଛି ଏବଂ ପରେ ବ୍ୟାକରଣ ଦ୍ୱାରା ନିୟମ ପ୍ରଣୟନ କରିଛି । ତେଣୁ ବେଳେବେଳେ ସନ୍ଧିର ସବୁ ଲକ୍ଷଣ ଥାଇ ବି ସନ୍ଧି ହୋଇନଥାଏ । ସେଭଳି ଶବ୍ଦ ଖୁବ କମ୍ ପରିମାଣରେ ଲକ୍ଷ୍ୟ କରାଯାଏ।

ସନ୍ଧି, ବାକ୍ୟକୁ ସୁଖପାଠ୍ୟ କରାଏ। କାବ୍ୟର ଯତିପାତ, ଲାଳିତ୍ୟ, ଶବ୍ଦଗଠନ, ଶବ୍ଦସୌନ୍ଦର୍ଯ୍ୟ ଆଦି ନିମନ୍ତେ ସନ୍ଧି ଅପରିହାର୍ଯ୍ୟ। ଏଣୁ ସନ୍ଧିର ବ୍ୟବହାର ବ୍ୟାକରଣ ସମ୍ମତ।

## ସହାୟକ ଗ୍ରନ୍ଥସୂଚୀ:

୧.ତିୱାରୀ, ଭୋଳାନାଥ(ଅ), ତୁଳନାତ୍ମକ ଭାଷାବିଜ୍ଞାନ, ମୋତିଲାଲ ବନାରସୀ ଦାସ ପବ୍ଲିକେଶନ, ଦିଲ୍ଲୀ, ଦ୍ୱିତୀୟ ସଂସ୍କରଣ, ୧୯୭୪ ।

୨. ତିୱାରୀ, ଲକ୍ଷ୍ମୀନାରାୟଣ ଏବଂ ଶର୍ମା, ବୀରବଲ୍(ସଂ), କଚ୍ଚାୟନ ବ୍ୟାକରଣ, ତାରା ପବ୍ଲିକେଶନ, ବନାରସ, ପ୍ରଥମ ସଂସ୍କରଣ, ୧୯୬୨ ।

୩.  ନାୟକ, କଳ୍ପତରୁ, ଭଗବତର ଭାଷାତତ୍ତ୍ୱ, ମିତା ବୁକସ୍, କଟକ, ପ୍ରଥମ ସଂସ୍କରଣ, ୨୦୧୭ ।

୪. ପାଣ୍ଡେୟ ରାମଅବଧ ଏବଂ ମିଶ୍ର ରବିନାଥ, ପାଲି ବ୍ୟାକରଣ, ମୋତିଲାଲ ବନାରସୀଦାସ, ବାରାଣସୀ, ଦ୍ୱିତୀୟ ପ୍ରକାଶନ, ୨୦୧୮ ।

5. Warder, A.K., Introduction to Pali, 'The Pali Text Society; Oxford, Third Edition, 2001.